## ସଂକ୍ଷେପରେ

### ପୋଖରୀରେ ପଡ଼ି ଶିଶୁକନ୍ୟା ମୃତ

ବାସୁଦେବପୁର, ୩୦।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତ ଅଧୀନ ଗଦେଇବିନ୍ଧା ଗ୍ରାମରେ ବୁଧବାର ଅପରାହ୍ନରେ ପୋଖରୀରେ ପଡ଼ି ବନ୍ଦନା କାଣ୍ଡି ନାମ୍ନୀ ୩ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତା ବନ୍ଦନା ହେଉଛନ୍ତି ଗ୍ରାମର ସୁଶାନ୍ତ କାଣ୍ଡିଙ୍କ କନ୍ୟା। ସୂଚନା ଅନୁସାରେ, ବନ୍ଦନା ଖେଳୁଥିବାବେଳେ ଅସାବଧାନତା ବଶତଃ ପୋଖରୀକୁ ଖସି ପଡ଼ିଥିଲେ। ପୋଖରୀରୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଛି।

### ଅଶ୍ଳୀଳ ନୃତ୍ୟ, ଅଭିନୟକୁ ବିରୋଧ

ଧାମନଗର, ୩୦।୧୦ (ଡି.ଏନ.ଏ.) ଧାମନଗର ବ୍ଲକ ଧୂଷୁରୀ ବଜାରରେ କାଳୀପୂଜା ପାଇଁ ଅପେରା ପ୍ରଦର୍ଶନ ଚାଲିଛି। ଏକ ସପ୍ତାହ ଧରି ବଡ଼ ବଡ଼ ଅପେରା ପ୍ରଦର୍ଶନ ବ୍ୟବସ୍ଥା ହୋଇଛି। ମଙ୍ଗଳବାରଠାରୁ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଓ ଅଭିନୟକୁ ଧୂଷୁରୀ ଆଞ୍ଚଳିକ ସଚେତନ ଯୁବ ପରିଷଦ ପକ୍ଷରୁ ବିରୋଧ କରାଯିବ ବୋଲି ଜଣାଯାଇଛି। ଏ ନେଇ ପରିଷଦ ପକ୍ଷରୁ ବୁଧବାର ଲିଖିତ ଅଭିଯୋଗ ପରେ ଧୂଷୁରୀ ଥାନା ପୋଲିସ ଯାତ୍ରା କମିଟି ସହିତ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା କୁହାଯାଇଛି।

### ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକ ଉତ୍ସବ

ବାସୁଦେବପୁର/ପଦ୍ମପୁର, ୩୦।୧୦ (ଡି.ଏନ.ଏ.)- ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ନାୟକାଣିଡିହୀ ଥାନା ପରିସରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ଓ ବିଗ୍ରହଙ୍କର ବାର୍ଷିକ ପୂଜା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଉମାଶଙ୍କର ନାୟକ କର୍ତ୍ତା ଭାବେ ବସି ପୂଜା କରିଥିଲେ। ପଣ୍ଡିତ ପ୍ରଭାତ ମିଶ୍ର, ମାନସ ପଣ୍ଡା, ଅଜିତ ଦାସ, ବିମଳ ସାମନ୍ତ, ନରହରି ପଣ୍ଡା, ନାରାୟଣ ଦାସ ପ୍ରମୁଖ ଯାଜ୍ଞିକ ପୁରୋହିତ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଏସ୍‌ଆଇ ନିରୋଦ ମଲ୍ଲିକ, ଦିଲୀପ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାସୁଦେବପୁର ସମେତ କଷିଆ, ଚୁଡାମଣି ସାମୁଦ୍ରିକ ଥାନାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।



.ବାସୁଦେବପୁର ବ୍ଲକ ରୋଡ୍ ତୋରଣ।



ବାସୁଦେବପୁର ଆମ କାଳୀ କମିଟି ତୋରଣ।



ଭଦ୍ରକ ଷ୍ଟେଶନ କମିଟି ପକ୍ଷରୁ ନିର୍ମିତ ତୋରଣ।



ବାସୁଦେବପୁର ଟ୍ରାଫିକଛକ ପୂଜା ମଣ୍ଡପରେ ଲବକୁଶଙ୍କ ଅଶ୍ୱ ଅଟକ ବାରୁଆଳି।



ବନ୍ତ କାଦବରାଙ୍ଗ କାଳୀପୂଜା ମଣ୍ଡପ।

■ ଐତିହାସିକ ବାସୁଦେବପୁର କାଳୀପୂଜା

# ଶୋଭା ବଢ଼ାଉଛି ତୋରଣ, ଚିତ୍ରକଳ୍ପ

ବାସୁଦେବପୁର, ୩୦।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ ଜମୁଛି ଐତିହାସିକ କାଳୀପୂଜା। ୧୯୪୪ରେ ଏକ ଝାଟିମାଟି ଘରେ ଆରମ୍ଭ ହୋଇଥିଲା ଏହି ପୂଜା। ଚଳିତବର୍ଷ ସର୍ବପୁରାତନ ଆମ କାଳୀ କମିଟି ୭୫ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ସମାରୋହ ପାଳନ କରୁଛି। ଏହାଛଡ଼ା ବାସୁଦେବପୁର ସହରରେ ବ୍ଲକ ରୋଡ୍, ହାଇସ୍କୁଲ ଛକ, କଚେରି ମଣ୍ଡପରେ ମା' କାଳୀଙ୍କ ମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀ ଆକର୍ଷଣୀୟ ହୋଇଛି। ରଙ୍ଗବେରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପ ଓ ସହର ଝଲସୁଛି। ସେହିପରି ନିର୍ମିତ ଆକର୍ଷଣୀୟ ତୋରଣ ଓ ପୌରାଣିକ ଚିତ୍ରକଳ୍ପ ଶୋଭା ବଢ଼ାଉଛି। ଚଳିତବର୍ଷ ପୂଜାମଣ୍ଡପରେ ନିର୍ମିତ ପୌରାଣିକ ଚିତ୍ରକଳ୍ପ ବୀରତ୍ୱର କାହାଣୀ ବର୍ଣ୍ଣନା କରୁଛି। ଟ୍ରାଫିକ ଛକ ପୂଜା କମିଟିରେ ତ୍ରେତୟା ଯୁଗର କାହାଣୀ ଅଶ୍ୱମେଧ ଯଜ୍ଞରେ ପ୍ରଭୁ ରାମଚନ୍ଦ୍ର ଛାଡ଼ିଥିବା ଅଶ୍ୱକୁ ପୁତ୍ର ଲବକୁଶ ବାନ୍ଧି ନିଜର ବୀରତ୍ୱର ପରାକାଷ୍ଠା ଦେଖାଇଛନ୍ତି। ସେହିପରି ନିଳେନ୍ଦ୍ରୀ ହରଣ ଓ ତାରକା ସୁରବଦ୍ଧ ଚିତ୍ରକଳ୍ପକୁ ଅତି ନିଖୁଣ ଭାବେ ଉପସ୍ଥାପନ କରାଯାଇଛି। ବ୍ଲକ ରୋଡ୍ ପୂଜା କମିଟିରେ ମଧ୍ୟ ଅର୍ଜୁନଙ୍କର ବୀରତ୍ୱ କାହାଣୀ ଲାଖବିନ୍ଧ କରି ଦ୍ରୌପଦୀଙ୍କୁ ପାଇବା ଏବଂ କଚେରି ବଜାର ପୂଜାମଣ୍ଡପରେ କଂସରାଜଙ୍କ ଦରବାରରେ ମଲ୍ଲଯୋଦ୍ଧାଙ୍କ ବୀରତ୍ୱର ବାରୁଆଳି ଚିତ୍ତାକର୍ଷକ ହୋଇଛି। ଏଥର ସହରରେ କାଳୀପୂଜା ପାଇଁ ୪ କମିଟି ୪ଟି ଯାତ୍ରା ଦଳକୁ ଆଣୁଛନ୍ତି। ଏହି ଯାତ୍ରା ଦଳର ଆକର୍ଷଣୀୟ ପୋଷ୍ଟର ଦର୍ଶକଙ୍କୁ ବିମୋହିତ କରୁଛି।

## ସିଂହବାହିନୀ ବେଶରେ ମା' ଭଦ୍ରକାଳୀ

ଭଦ୍ରକ ଅଫିସ, ୩୦।୧୦



ଭଦ୍ରକାଳୀ ପୀଠରେ ସୋମବାର ମା' ସିଂହବାହିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୪ର୍ଥ ଦିନରେ ବୁଧବାର ସିଂହବାହିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବୁଧବାର ଦିନତମାମ ମା'ଙ୍କର ଏହି ବେଶକୁ ଦର୍ଶନ ପାଇଁ ପ୍ରବଳ ଭିଡ଼ ଲାଗିରହିଥିଲା। ଭକ୍ତମାନେ ଧାଡ଼ି ବାନ୍ଧି ଧୂପ, ଦୀପ, ଭୋଗ ଲଗାଇ ମା'ଙ୍କର ଆର୍ଶୀବାଦ ଭିକ୍ଷା କରିଥିଲେ। ମା'ଙ୍କୁ ଏହି ପୀଠରେ ଦୁର୍ଗତିନାଶିନୀ ସିଂହବାହିନୀ ବେଶରେ ପୂଜା କରାଯାଇଛି। ସିଂହ ମା'ଙ୍କର ବାହନ ଥିବାବେଳେ ନାଳିପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ ମା' ଭଦ୍ରକାଳୀ। ଚାରି ହସ୍ତରେ ଖଡ୍‌ଗ, ତ୍ରିଶୂଳ, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ମା' ପ୍ରକଟ ହୋଇଥିଲେ। ସିଂହବାହିନୀ ବେଶକୁ ଦର୍ଶନ କଲେ ଭକ୍ତଙ୍କର ଗ୍ରହଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ପାଗ ଅନୁକୂଳ ଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ବେଆଇନ କରତକଳରେ ଚଢ଼ାଉ

### ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ



କରତକଳରେ ବନ ବିଭାଗ ଅଧିକାରୀ।

ଭଣ୍ଡାରିପୋଖରୀ, ୩୦।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତର ଦାଣ୍ଡକୁଳ ଗ୍ରାମ ମଧ୍ୟରେ ଚାଲୁଥିବା ଏକ ବେଆଇନ କରତକଳରେ ବୁଧବାର ବନ ବିଭାଗ ଚଢ଼ାଉ କରିଛି। ଚଢ଼ାଉ ବେଳେ ପ୍ରାୟ ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରାଯାଇଥିବା ସୂଚନା ମିଳିଛି। ଏଥିସହ ବିଭାଗ ପକ୍ଷରୁ ଜେସିବି ଲଗାଇ କରତକଳ ଷ୍ଟ୍ରକଚର୍‌କୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ବୁଧବାର ସକାଳ ପ୍ରାୟ ୭ଟାରୁ ଏହି ଚଢ଼ାଉ ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଥିଲା। ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ସିଏଫ୍ ବିରାଜମୋହନ ମହାନ୍ତି, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଯାଇଥିବା ବନ୍ତର ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ, ଧାମନଗର ରେଞ୍ଜର ସମୀର ରାଉତ, ବନପାଳ ପ୍ରଶାନ୍ତ ଦାସ, ପ୍ରକାଶ ଦାସ, ଧାମନଗର ପୋଲିସ, ଏପିଆର୍ ଫୋର୍ସଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ କେତେକ ମହିଳା ସ'ମିଲ୍ ଭିତରକୁ ଅଧିକାରୀମାନଙ୍କୁ ଛାଡ଼ି ନ ଥିଲେ। କିଛି ସମୟ ବିରୋଧ ପରେ ପୋଲିସ ଭିତରକୁ ପଶିଥିଲା। ଜବତ ସାମଗ୍ରୀକୁ ବନ ବିଭାଗର ଧାମନଗର କାର୍ଯ୍ୟାଳୟରେ ରଖାଯାଇଛି। ଫରେଷ୍ଟଗାର୍ଡ ରାଜକିଶୋର ନାୟକ, ଜଗନ୍ନାଥ ମିଶ୍ର, ରାଜେନ୍ଦ୍ର ସିଂ, ସୁବାସିନୀ ସ୍ୱାଇଁ, ପ୍ରଜ୍ଞା ନାୟକ, ସୁଲୋଚନା ବେହେରା, ଲିପିକା ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ଧାମନଗର ରେଞ୍ଜ ଅଫିସ୍‌ରେ ଏକ ମାମଲା ରୁଜୁ ହୋଇଛି।

## ଚାନ୍ଦବାଲି, ଧାମରା ବିକାଶକୁ ନେଇ ସମନ୍ୱୟ ବୈଠକ

ଭଦ୍ରକ ଅଫିସ, ୩୦।୧୦

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ବୁଧବାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିକାଶକୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଚାନ୍ଦବାଲି ଏନ୍‌ଏସି ଓ ଧାମରା ବନ୍ଦର, ଏହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ନେଇ ବୈଠକରେ ଆଲୋଚନା ହୋଇଥିଲା। ଧାମରା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧୁର ପାନୀୟ ଜଳ ବ୍ୟବସ୍ଥା ଉପଲବ୍ଧ କରାଯିବ, ନଳକୂପ ଖୋଳାଯିବ, ଧାମରା-ଜାମୁଝାଡ଼ି ରାସ୍ତାର ଉନ୍ନତିକରଣ, ପଞ୍ଚାୟତସ୍ତରୀୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ମରାମତି, ଲୋ ଭୋଲ୍‌ଟେଜ୍ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଏସ୍‌ପି ବିକାଶ ଚନ୍ଦ୍ର ପରିଡ଼ା, ପିଡି ମଧୁସୂଦନ ଦାସ, ଧାମରା ବନ୍ଦର ସିଇଓ ସୁବ୍ରତ ତ୍ରିପାଠୀ, ଭାଇସ୍‌ପ୍ରେସିଡେଣ୍ଟ ଜଗତ ପରିଜା, ମୁଖ୍ୟ କର୍ପୋରେଟ୍ କମ୍ୟୁନିକେଟର୍ ଶୁଭାଶିଷ ମିଶ୍ର ଓ ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ରଞ୍ଜନ କୁମାର ସ୍ୱାଇଁଙ୍କ ସହ ବନ୍ଦର ପାର୍ଶ୍ୱବର୍ତ୍ତୀ ୮ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଧାମରା ବନ୍ଦର ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଏହି ଅଞ୍ଚଳର ବିକାଶ ସମ୍ଭବ ବୋଲି ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ମତ ରଖିଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

## ସତ୍ୟନିଷ୍ଠା, ସ୍ୱଚ୍ଛତା ନେଇ ଶପଥ



ଶପଥପାଠ ବେଳେ ବିଚାରପତି ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୩୦।୧୦

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲା ସିଭିଲ୍ କୋର୍ଟ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଭଦ୍ରକ ଜିଲା ନ୍ୟାୟାଳୟର ସମସ୍ତ ବିଚାରପତି, କର୍ମଚାରୀ, ପ୍ରାଧିକରଣର ସମସ୍ତ କର୍ମୀ ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶୋଭନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଆଦିର ଶପଥ ପାଠ କରିଥିଲେ। କୋର୍ଟ ପରିସରରେ ମଧ୍ୟ ଯେପରି ସମସ୍ତେ ସ୍ୱଚ୍ଛତା ସହିତ ନିୟମ ପାଳନ କରିବେ, ଦୁର୍ନୀତିକୁ ପ୍ରଶ୍ରୟ ନ ଦେବେ ଓ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ, ସାର୍ବଜନୀନ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବେ ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ପରିବାର ଅଦାଲତ ନ୍ୟାୟାଧିଶ ସଞ୍ଜୀବ ଦୁବେ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ଅଧିକାରୀ ଶୁଭଞ୍ଜନ ମହାନ୍ତି, ଅତିରିକ୍ତ ବରିଷ୍ଠ ଦେୱାନୀ ଅଧିକାରୀ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, ଏସ୍‌ଡିଜେଏମ୍ ଶୁଭଗୌତମ ମିଶ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ରଶ୍ମିନାରାୟଣୀ ମିଶ୍ର, ନର୍ମଦା କର, ସସ୍ମିତା ସାହୁ ଓ ଲିପ୍ସା ରାଉତ ପ୍ରମୁଖ ଶପଥପାଠରେ ଯୋଗ ଦେଇଥିଲେ।

# ସରିଲା ବିଜେଡି ଜନସମ୍ପର୍କ ପଦଯାତ୍ରା

ଭଦ୍ରକ ଅଫିସ, ୩୦।୧୦

ବିଜେଡି ପକ୍ଷରୁ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ମହତାବ ଛକ ନିକଟରେ ଏକ ସମାରୋହରେ ପଦଯାତ୍ରାର ଉଦ୍‌ଯାପନୀ ହୋଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପୌରାଧ୍ୟକ୍ଷ ଇଂ. ପ୍ରୟାସକାନ୍ତି ସାମଲ ପ୍ରମୁଖ ଏକ ଶୋଭାଯାତ୍ରାରେ ଭଦ୍ରକ ପୁରୁଣାବଜାର ମଲ୍ଲିକ ମଇଦାନରୁ ବାହାରି ଜିଲାପାଳଙ୍କ ଅଫିସ ନିକଟସ୍ଥ ସଭାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମରେ ଭଦ୍ରକ ସହରର ମୁଖ୍ୟରାସ୍ତା ଜନସମୁଦ୍ରରେ ପରିଣତ ହୋଇଥିଲା।

ଉଦ୍‌ଯାପନୀ ସଭାରେ ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ବିଜେଡିର ପ୍ରମୁଖ ନେତୃମଣ୍ଡଳୀଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ମାନସ ମହାନ୍ତି, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମଞ୍ଜରୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ଉପସଭାପତି ମଳୟ ଜେନା, ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ, ପୂର୍ବତନ ସଭାପତି ରାକେଶ ପଣ୍ଡା, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ନଗର ସଭାପତି ତାହେର ମହମ୍ମଦ ପ୍ରମୁଖ ବିଜେଡି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲାପରିଷଦ ସଭ୍ୟ କ୍ଷୀରୋଦ ରାଉତ, ସରୋଜ ନାୟକ, ସୁକାନ୍ତି ନାୟକ, ସମିତିସଭ୍ୟ ଯୋଗେନ୍ଦ୍ର ଘଡେଇ, ପ୍ରଦୀପ ମଲ୍ଲିକ, ବ୍ଲକ ଯୁବ ସଭାପତି ମୁକୁନ୍ଦଦେବ ସାମଲ, ଇକ୍‌ବାଲ ଖାଁଙ୍କ ସମେତ ସମସ୍ତ ପୂର୍ବତନ କାଉନସିଲର, ଜିଲାପରିଷଦ ସଭ୍ୟ, ସମିତିସଭ୍ୟ, ସରପଞ୍ଚ, ବ୍ଲକ ଓ ଜିଲାସ୍ତରୀୟ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।



ପଦଯାତ୍ରାରେ ଏମ୍‌ପି, ବିଧାୟକ ଓ ବିଜେଡି କର୍ମକର୍ତ୍ତା ।

## ବାଣ ନ କିଣି ଅଗ୍ନିବିପନ୍ନଙ୍କୁ ସହାୟତା

ବନ୍ତ, ୩୦।୧୦ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ କୁଆଁର୍ଦ୍ଦା ଗ୍ରାମର ଅଘିରାଗଡିଆ ସାହିରେ ଘଟିଥିବା ଅଗ୍ନିକାଣ୍ଡରେ ବିପନ୍ନ ପରିବାରକୁ ସରମରା ଗ୍ରାମର ଯୁବକମାନେ ସହାୟତା ପ୍ରଦାନ କରିଛନ୍ତି। ଦୀପାବଳି ପାଳନ ଅବସରରେ ଏହି ଯୁବକମାନେ ନିଜ ଗ୍ରାମରୁ ସହାୟତା ସଂଗ୍ରହ କରି ଅଘିରାଗଡିଆ ଗ୍ରାମର ବିପନ୍ନଙ୍କ ପାଖରେ ପହଞ୍ଚିଥିଲେ। ସେମାନେ ଗହମ, ଚାଉଳ, ଲୁଗାପଟା ସମେତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଦୀପାବଳିରେ ବାଣ କିଣା ବନ୍ଦ କରି ସେହି ଅର୍ଥରେ ଅଗ୍ନିବିପନ୍ନଙ୍କୁ ସେମାନେ ସହାୟତା କରିଥିବା ଯୁବକମାନେ କହିଥିଲେ। ଗତ ୨୧ ତାରିଖ ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଏହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୯ ବଖରା ଘର ଜଳିଯିବା ସହ ୬ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିଲେ।



ଚରମ୍ପା କାଳୀପୂଜା ଅବସରରେ ସୂଚନାକେନ୍ଦ୍ର ଉଦ୍‌ଘାଟନ ବେଳେ ଉପସ୍ଥିତ ଭଗତସେନା କର୍ମକର୍ତ୍ତା।

## ସଂକ୍ଷେପରେ

### ବାସୁଦେବପୁରରେ ବିକ୍ରି ହେଉଥିଲା ଝାଡ଼ଖଣ୍ଡ ଜିଞ୍ଜର

**ଭଦ୍ରକ ଅଫିସ, ୩୦।୧୦:** କାଳୀପୂଜାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ପୋଲିସ ବୁଧବାର ପୂର୍ବାହ୍ନରେ ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ମଦ ଜବତ କରିଛି। ଏଥିସହ ବେଆଇନ ଭାବେ ବିକ୍ରି କରୁଥିବା ୩ ବେପାରୀଙ୍କୁ ଗିରଫ କରିଛି। ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼ଙ୍କ ତତ୍ତ୍ୱାବଧାନରେ ଉପନିରୀକ୍ଷକ ସ୍ୱନ୍ଦନ ମହାନ୍ତି, ସନ୍ତୋଷ ବଳ, ସହ ଉପନିରୀକ୍ଷକ ପୁରୁଷୋତ୍ତମ ମଲ୍ଲିକ, ରାଧାନାଥ ନାୟକ, ଅବକାରୀ ସିପାହୀ ଭବେଶ ଦାସ, ପ୍ରଦୀପ ମଲ୍ଲିକ, ପରେଶ ଚନ୍ଦ୍ର ଟୁଡୁ, ଜେମା ଜାମୁଡ଼ା, ସନ୍ଧ୍ୟାରାଣୀ ସେନାପତିଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଏହି ଚଢ଼ାଉ କରିଥିଲା। ବାସୁଦେବପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଓଡ଼ିଶାରେ ବିକ୍ରି ନିଷେଧ ଝାଡ଼ଖଣ୍ଡ ଅଞ୍ଚଳରୁ ଆଣି ବିକ୍ରି ପାଇଁ ଥିବା ୧୦୨ ବୋତଲ ଜିଞ୍ଜର ଓ ୧୫ ଲିଟର ଦେଶୀମଦ ଜବତ କରିଛି ଏହି ଟିମ୍। ଗିରଫ ୩ ଜଣ ହେଲେ ଜଗନ୍ନାଥପୁର ଗାଁର ଶ୍ରୀକାନ୍ତ ମଲିକ, ସୁବାସ ମଲିକ ଓ ଇରମ ରଥପଦାର ଶ୍ରୀହରି ଦାସ। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଚୋରି ବାଇକ୍ ଜବତ: ଯୁବକ ଫେରାର

**ବନ୍ତ, ୩୦।୧୦(ଡି.ଏନ.ଏ.):** ଭଦ୍ରକ ଜିଲା କେନ୍ଦୁଆପଦା ବଜାରରୁ ଗତ ୨୩ ତାରିଖରେ ଚୋରି ହୋଇଥିବା ବାଇକ୍‌କୁ ବୁଧବାର କେନ୍ଦୁଆପଦା ଫାଣ୍ଡି ପୋଲିସ ଧାମନଗର କୋର୍ଟ ନିକଟରୁ ଜବତ କରିଛି। ପରେ ପୋଲିସ ଗାଡ଼ି ମାଲିକଙ୍କୁ ଜିମା ଦେଇଛି। ହେଲେ ଚୋରିରେ ସମ୍ପୃକ୍ତ ଯୁବକ ଫେରାର ଅଛନ୍ତି। ଉଲ୍ଲେଖନୀୟ ଯେ, ରାମକୃଷ୍ଣପୁର ଗ୍ରାମର କାଳନ୍ଦୀ ଜେନା ଗତ ୨୩ ତାରିଖରେ କୌଣସି କାମରେ କେନ୍ଦୁଆପଦା ବଜାର ଆସିଥିଲେ। ସେଠାରେ ବାଇକ୍ ରଖି ଦୋକାନକୁ ଯାଇଥିବା ବେଳେ କେହି ଚୋରି କରି ନେଇଯାଇଥିଲେ। ଏ ନେଇ ସେ ଗତ ୨୬ ତାରିଖରେ କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୫୭୬/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ବୁଧବାର କାଳନ୍ଦୀ କୌଣସି କାର୍ଯ୍ୟରେ ଧାମନଗର ଯାଇଥିବାବେଳେ କୋର୍ଟ ନିକଟରେ ତାଙ୍କ ବାଇକ୍‌କୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିବାବେଳେ ଚୋରି କରିଥିବା ଯୁବକ ଜଣଙ୍କ ଦୌଡ଼ି ପଳାଇ ଯାଇଥିଲେ।

# ଲୋକେ ନ୍ୟାୟ ପାଇଲେ ସୁସ୍ଥ ସମାଜ ସମ୍ଭବ



ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅତିଥି ।

**ବାଲେଶ୍ୱର ଅଫିସ,୩୦।୧୦**

**ଜାତୀୟ ମାନବାଧିକାର ସୁରକ୍ଷା ସଂଗଠନର ରାଜ୍ୟସ୍ତରୀୟ ସମ୍ମିଳନୀ**

ତଳସ୍ତରରେ ଲୋକେ ନ୍ୟାୟ ପାଇଲେ ମାନବାଧିକାର ସୁରକ୍ଷା ସମ୍ଭବ ହେବ ବୋଲି ବାଲେଶ୍ୱରରେ ଆୟୋଜିତ ଜାତୀୟ ମାନବାଧିକାର ସୁରକ୍ଷା ସଂଗଠନ (ଡବ୍ଲୁଏଚ୍‌ଆର୍‌ପିଓ)ର ରାଜ୍ୟସ୍ତରୀୟ ସମ୍ମିଳନୀରେ ମତବ୍ୟକ୍ତ କରାଯାଇଛି। ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସଂଗଠନର ଜିଲା ସଭାପତି ସଂଘମିତ୍ରା ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜାତୀୟ ସଭାପତି ଅଭିନ୍ନ ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବାଧିକାରର ସୁରକ୍ଷା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ସମାଜର ତଳସ୍ତରର ଲୋକେ ଅଧିକ ନିର୍ଯାତନାର ଶିକାର ହେଉଛନ୍ତି । ବିଭିନ୍ନ ସ୍ତରରେ ପୋଲିସଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଆକ୍ରୋଶର ଶିକାର ହେବା ସହିତ ଅନେକ ସ୍ଥାନରେ ମାନବାଧିକାର କ୍ଷୁଣ୍ଣ ହେଉଥିଲେ ବି ସେମାନଙ୍କୁ ସହାୟତା କରିବା ପାଇଁ କୌଣସି ସଂଗଠନ ଆଗେଇ ଆସୁ ନାହାନ୍ତି। ଏଥିପ୍ରତି ସମସ୍ତେ ସତର୍କ ରହି ମାନବାଧିକାର ସୁରକ୍ଷା ଲାଗି ତତ୍ପରତା ପ୍ରକାଶ କରିବା ଦରକାର ବୋଲି ସେ କହିଥିଲେ।

ସଙ୍ଗଠନର କଟକ ଜିଲା ସଭାପତି ସନ୍ତୋଷ କୁମାର ଭୋଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସବୁ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଦସ୍ୟ ଗ୍ରହଣ କରି ଲୋକଙ୍କୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ। ସଂଗଠନର ସଦସ୍ୟ ସତର୍କ ରହିଲେ ସାଧାରଣ ଲୋକେ ନ୍ୟାୟ ପାଇବା ସହଜ ହେବ ଏବଂ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସଭାପତି ଅନୁପମା ପାଢ଼ୀ, ରାଜ୍ୟ ସଂଯୋଜିକା ଇପସିତା ଅଭନ୍ତିକା, ଲୀନା ପାଣିଗ୍ରାହୀ, ସୁବ୍ରତ କର,ଦେବୀଦତ୍ତ ସାମନ୍ତରାୟ, ରାଜ୍ୟ ସଂଯୋଜକ ରାଜେଶ ମଲ୍ଲିକ, ଯାଜପୁର ସଂଯୋଜକ ମନୋରଞ୍ଜନ ବେହେରା, ଯାଜପୁର କାଳିଆପାଣି ସଂଯୋଜକ ତୁଷାରକାନ୍ତି ଷଣ୍ଢ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଓ ଅନୁଗୋଳ ସଭାପତି ରାମଚନ୍ଦ୍ର ରାଉତରାୟ, ଅର୍ଜୁନ ବେହେରା, ଯାଜପୁରର ହରେକୃଷ୍ଣ ଭଞ୍ଜ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପରିଡ଼ା, କଟକର ଉପଦେଷ୍ଟା ପ୍ରଦୀପ ବଳ, ଭୁବନେଶ୍ୱର ସଂଯୋଜକ ଆଶୁତୋଷ ଲେଙ୍କା, ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳର ବିଜୟ କୁମାର ସାହୁ, ପ୍ରିୟରଞ୍ଜନ ମହାନ୍ତି, ସୁଧାକର ପରିଡ଼ା, ଲଳିତ କୁମାର ପାଣିଗ୍ରାହୀ, ଧରିତ୍ରୀ ପାଣିଗ୍ରାହୀ, ଗିରିଜା ମିଶ୍ର, ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ଗୃହର ଶିଳାନ୍ୟାସ କଲେ ମନ୍ତ୍ରୀ



ନୂତନ ପଞ୍ଚାୟତ ଗୃହର ଶିଳାନ୍ୟାସ କରାଯାଉଛି।

**ଖଇରା,୩୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନବଗଠିତ ନହଙ୍ଗ ପଞ୍ଚାୟତର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀଙ୍କ ସହ ୪ନଂ ଜୋନ ଜିଲା ପରିଷଦ ଜୋନ ସଦସ୍ୟ ଲୋପାମୁଦ୍ରା ଧର, ୫ନଂ ଜୋନର ଜୟନ୍ତୀ ମହଲା, ସରପଞ୍ଚ ରାଜଶ୍ରୀ ଦାସ, ସମିତି ସଭ୍ୟା ଗୀତା ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଉତ୍ସବରେ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଉପରେ ଆଲୋକପାତ କରିଥିଲେ । ଏହା ପୂର୍ବରୁ ମନ୍ତ୍ରୀ ନହଙ୍ଗ ହାଇସ୍କୁଲକୁ ଯାଇ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟକ୍ରମର ତଦାରଖ କରିବା ପରେ ପିଲାଙ୍କୁ ଖାଦ୍ୟ ପରଶିବା ସହ ସେମାନଙ୍କ ସହ ଏକତ୍ରବସି ଭୋଜନ କରିଥିଲେ ।

# ଦୁଇଟି ବେଆଇନ୍ ସ' ମିଲ୍‌ରେ ଚଢ଼ାଉ

## ୬ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ



ବନବିଭାଗ ଅଧିକାରୀ ଓ କର୍ମଚାରୀ ସ' ମିଲ୍‌ରେ ଚଢ଼ାଉ କରୁଛନ୍ତି।

**ରୂପ୍‌ସା, ୩୦।୧୦ (ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଓ ସାର୍ଥା ଅଞ୍ଚଳରେ ଚାଲିଥିବା ଦୁଇଟି ବେଆଇନ୍ ସ' ମିଲ୍ ଉପରେ ବୁଧବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୬ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ସହ ସ' ମିଲ୍‌ର ଯନ୍ତ୍ରାଂଶ ଜବତ ହୋଇଛି। ମିଲ୍ ମାଲିକ ଦ୍ୱୟ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଗିରଫ କରାଯାଇ ପାରି ନଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଙ୍କ ବରୋଧରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଜିଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦିପୁର ରେଞ୍ଜ ଅଫିସର କ୍ଷୀରାବ୍ଧୀ ପ୍ରଧାନ, ତାଳପଦା ଫରେଷ୍ଟର ଶ୍ରାବନ୍ତୀ ମାରାଣ୍ଡି, ବାଲେଶ୍ୱର ଫରେଷ୍ଟର ସ୍ୱତନ୍ତ୍ର ଟିମ୍ ସହ ଛାନୁଆ ସ' ମିଲ୍‌ର ମାଲିକ ଭାରତ ବେହେରା ଓ ସାର୍ଥା ସ' ମିଲ୍ ମାଲିକ ବିକର୍ତ୍ତନ ମଣ୍ଡଳଙ୍କ ବେଆଇନ୍ କରତକଳ ଉପରେ ଚଢ଼ାଉ କରିଥିଲେ। ଉଭୟ ମିଲ୍‌ରୁ ୩ଲକ୍ଷ ଟଙ୍କା କାଠ ସହ ଯନ୍ତ୍ରାଂଶ ଜବତ ହୋଇଥିବା ରେଞ୍ଜ ଅଫିସର ପ୍ରଧାନ କହିଛନ୍ତି।

# ପ୍ରଶ୍ନପତ୍ର ଓ ବହି ଯୋଗାଇ ପାରୁନି ଶିକ୍ଷା ବିଭାଗ

**ସିମୁଳିଆ,୩୦।୧୦(ଡି.ଏନ.ଏ.)**



ସିମୁଳିଆ ବ୍ଲକର ନୋଡ଼ାଲ ସେଣ୍ଟରରେ ଏସ୍‌ସି ଏସ୍‌ଟି ପିଲାଙ୍କ ଲାଗି ଆସିଥିବା ବହି ।

ଶିକ୍ଷାର ମାନବୃଦ୍ଧି ଲାଗି ବିଭିନ୍ନ ଉଦ୍ୟମ କରାଯାଉଥିବା କୁହାଯାଉଥିବା ବେଳେ ଏହାର ବାସ୍ତବ ଚିତ୍ର କିଭଳି ଭିନ୍ନ ତାହାର ନଜିର ଦେଖିବାକୁ ମିଳିଛି। ପ୍ରଶ୍ନପତ୍ର ଯୋଗାଇ ନ ପାରିବାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଷାଣ୍ମାସିକ ପରୀକ୍ଷା ବନ୍ଦ ଥିବା ବେଳେ ନବମ ଓ ଦଶମ ଶ୍ରେଣୀର ଏସ୍‌ସି ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଏଯାଏ ପାଠ୍ୟପୁସ୍ତକ ଦିଆଯାଇ ପାରି ନାହିଁ । ଏ ନେଇ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଉଲ୍ଲେଖନୀୟ ଯେ, ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ୧୮୪ଟି ବିଦ୍ୟାଳୟରେ ୧୩ହଜାର ୯ଶହ ୩୮ ଶିକ୍ଷାର୍ଥୀ ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ ପାଇଁ ୭୧୮ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏଥର ଗତ ସୋମବାରରୁ ଶନିବାର ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଷାଣ୍ମାସିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରଶ୍ନପତ୍ର ଯୋଗାଇ ଦିଆ ନ ଯିବାରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବାକୁ ମନା କରି ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ କେନ୍ଦ୍ରରେ ଅଭାବ ଥିବା ପ୍ରଶ୍ନପତ୍ର ଗୁଡ଼ିକୁ ଜେରକ୍ସ କରିବା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ସୂଚନା ଦିଆଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ପରୀକ୍ଷା ଦାୟିତ୍ୱରେ ଥିବା ଅନୁଶିକ୍ଷା ଅଧିକାରୀ (ଏବିଇଓ) ଲମ୍ବୋଦର ସିଂଙ୍କୁ ପଚାରିବାରୁ ଅଭାବ ଥିବା ପ୍ରଶ୍ନପତ୍ର ସମ୍ପର୍କରେ ପ୍ରଧାନ ଶିକ୍ଷକମାନଙ୍କୁ ତଥ୍ୟ ମଗାଯାଇଛି। ଏହା ଆସିବା ପରେ ପରୀକ୍ଷା ଅନୁଷ୍ଠିତ ହେବ । ଅପରପକ୍ଷେ ଷାଣ୍ମାସିକ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡ଼ିଆରେ ପ୍ରଚାର ହେବା ପରେ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ. ମାୟାଧର ସାହୁଙ୍କୁ ପଚାରିବାରୁ ଦାୟିତ୍ୱ ନେଇଥିବା ସଂସ୍ଥା ଆବଶ୍ୟକ ପ୍ରଶ୍ନପତ୍ର ଯୋଗାଇ ନ ପାରିବାରୁ ସମସ୍ୟା ସୃଷ୍ଟି ହୋଇଥିବା କହିଛନ୍ତି।

ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀର ଏସ୍‌ସି ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମାଗଣା ବହି ଦେବାର ବ୍ୟବସ୍ଥା କରିଥିବାବେଳେ ଏହା ଅଦ୍ୟାବଧି ଯୋଗା ଯାଇପାରି ନାହିଁ। ବହି ଦାୟିତ୍ୱରେ ଥିବା ନୋଡ଼ାଲ କିରାଣି ଦେବଦତ୍ତ ସେଠୀଙ୍କୁ ପଚାରିବାରୁ କହିଛନ୍ତି, ସିମୁଳିଆ ବ୍ଲକରେ ୨୩ଟି ହାଇସ୍କୁଲରେ ନବମ ଶ୍ରେଣୀରେ ୪୧୬ ଓ ଦଶମ ଶ୍ରେଣୀରେ ୫୩୧ଏସ୍‌ସି ଏସ୍‌ଟି ଛାତ୍ରୀଛାତ୍ର ଅଛନ୍ତି। ଏହି ଦୁଇ ଶ୍ରେଣୀରେ ପ୍ରତ୍ୟେକ ବିଷୟରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ୧୪ଟି ସେଟ୍ ବହି ପ୍ରଦାନ କରାଯିବ। ଗତ ୫ଦିନ ହେଲା ଏହି ବହି ଆସିଥିଲେ ମଧ ନବମ ଶ୍ରେଣୀର ପିଲାମାନଙ୍କ ପାଇଁ ମାତ୍ର ୨ହଜାର ବହି ଆସିଛି । ଏହାମଧ୍ୟରେ ଦଶମ ଶ୍ରେଣୀର ପ୍ରିଟେଷ୍ଟ ପରୀକ୍ଷା ସରିଛି। ବୋର୍ଡ଼ ପରୀକ୍ଷା ପାଇଁ ଆଉ ୧୫ଦିନ ମଧ୍ୟରେ ଛାତ୍ରୀଛାତ୍ର ଫର୍ମ ପୂରଣ କରିବାର ଥିବାବେଳେ ଅଦ୍ୟାବଧି ସମ୍ପୂର୍ଣ୍ଣ ବହି ମିଳି ନ ଥିବାରୁ ଛାତ୍ରୀଛାତ୍ରମାନେ କିଭଳି ପରୀକ୍ଷା ଦେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ସଜନାଗଡ, ୩୦।୧୦ (ଡି.ଏନ.ଏ.):** ଜମି କିଣା ନାଁରେ ୧୦ ଲକ୍ଷ ଟଙ୍କା ଛଡ଼ାଇ ନିଆଯିବା ଅଭିଯୋଗ ପରେ ବାଲେଶ୍ୱର ଜିଲା ନୀଳଗିରି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ବେଳେ ଲୋକଙ୍କ ବିରୋଧ ଓ ଠେଲାପେଲାରେ ଶିକାର ହୋଇଥିଲେ। ଲୋକେ ଅଭିଯୁକ୍ତଙ୍କୁ ଛଡାଇ ନେଇଥିଲେ। ସ୍ଥାନୀୟ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଅଘର ଚରଣ ଦାସଙ୍କ ଏତଲା କ୍ରମେ ନୀଳଗିରି ପୋଲିସ ମାମଲା (ନଂ. ୨୭୩/୧୯) ରୁଜୁ କରି ଜୁରିଆପାଟଣା ଗ୍ରାମର ମୀନା ମଲ୍ଲିକ (୪୩)ଙ୍କୁ ଗିରଫ କରିଥିଲା। ବୁଧବାର ଗ୍ରାମର ଚନ୍ଦନ କୁମାର ମଲ୍ଲିକ ଏବଂ ମୁଖ୍ୟ ଅଭିଯୁକ୍ତ ଅଜୟ ମଲ୍ଲିକଙ୍କ ସ୍ତ୍ରୀ ସୁଶୀଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ନଳିତା ମୋଦି ସୂଚନା ଦେଇଛନ୍ତି।

**ପୋଲିସକୁ ଆକ୍ରମଣ ଘଟଣା**

ପୋଲିସ ସୂଚନା ଅନୁଯାୟୀ ରାଉରକେଲାର ଛେଣ୍ଡି ଥାନା କଳିଙ୍ଗ ବିହାର ନିବାସୀ ସଦାନନ୍ଦ ସାହୁ ଏକ ଜାଗା କ୍ରୟ ପାଇଁ ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆ ପାଟଣାର ଅଜୟ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ। ପଞ୍ଚଲିଙ୍ଗେଶ୍ୱର ପାନ୍ଥନିବାସ ନିକଟରେ ଥିବା ୧୦ ଲକ୍ଷ ଟଙ୍କା ମୂଲ୍ୟର ଏକ ପ୍ଲଟ୍‌କୁ କିଣିବାକୁ ସାହୁ ନିଷ୍ପତ୍ତି ନେଇଥିଲେ। ଅଗଷ୍ଟ ୩୧ତାରିଖରେ ସେ ଟଙ୍କା ଧରି ଆସିଥିବାବେଳେ ଅଭିଯୁକ୍ତ ଅଜୟ ସହଯୋଗୀଙ୍କ ସହ ମିଶି ତାଙ୍କୁ ମିତ୍ରପୁର ଅଞ୍ଚଳର ଏକ ଜଙ୍ଗଲ ଭିତରକୁ ନେଇ ୧୦ ଲକ୍ଷ ଟଙ୍କା ଛଡ଼ାଇ ନେଇଥିବା ସଦାନନ୍ଦ ନୀଳଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୨୦୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଅଜୟ ଗାଁରେ ଥିବା ସୂଚନା ମିଳିବା ପରେ ନୀଳଗିରି ଥାନାର ବାସୁଦେବ ଜୟସିଂହ, ଈଶ୍ୱରପୁର ଫାଣ୍ଡି ଅଧିକାରୀ ଅଘର ଚରଣ ଦାସ ୩ ଜଣ କନଷ୍ଟେବଲଙ୍କୁ ନେଇ ସେଠାକୁ ଯାଇଥିଲେ। ଅଜୟଙ୍କୁ ଗିରଫ କରାଯିବା ବେଳେ ୧୫ରୁ ଅଧିକ ଗ୍ରାମବାସୀ ଏକଜୁଟ୍ ହୋଇ ପୋଲିସକୁ ପିଟାମାରା କରି ତାଙ୍କୁ ଛଡ଼ାଇ ନେଇ ପୋଲିସକୁ ଘେରବନ୍ଦି କରି ରଖିଥିଲେ। ଆଇଆଇସି ଘଟଣାସ୍ଥଳରେ ପହଞ୍ଚିବାରୁ ଉପସ୍ଥିତ ଗ୍ରାମବାସୀ ଛତ୍ରଭଙ୍ଗ ଦେଇଥିଲେ। ଘଟଣାରେ ୩ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

# ସରିଲା ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ଭୋଗରାଇ,୩୦।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଚାଲିଥିବା ଗାନ୍ଧୀ ସଂକଳ୍ପ ପଦଯାତ୍ରା ବୁଧବାର ଶେଷ ହୋଇଛି। ମହାତ୍ମା ଗାନ୍ଧୀଙ୍କ ସତ୍ୟ, ନିଷ୍ଠା, ସାଧୁତା ଓ ମାନବିକତା କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କର ଶାସନ ବ୍ୟବସ୍ଥାର ମୂଳବିନ୍ଦୁ ବୋଲି କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ସଂକଳ୍ପ ପଦଯାତ୍ରାରେ ସାମିଲ୍ ହୋଇ କହିଛନ୍ତି। ଭୋଗରାଇ ଭାଜପା ଶାଖା ପକ୍ଷରୁ ମଣ୍ଡଳ ସଭାପତି ସୁନୀଲ କର, ଭାଜପା ନେତା ମାନସ କୁମାର ମହାନ୍ତି, ଆଶିଷ କୁମାର ମହାନ୍ତି, ସଞ୍ଜୀବ କୁମାର ସାହୁ, କମର୍ଦ୍ଧା ମଣ୍ଡଳ ସଭାପତି ବଂଶୀଧର ସାହୁ, ସମ୍ପାଦକ ଅମଳେନ୍ଦୁ ଦାସ, ରାଜକୁମାର ଦାସ, ଉଦୟ ହରି ଦତ୍ତ ପ୍ରମୁଖ ନେତୃତ୍ୱରେ ବହୁ ଭାଜପା ନେତା ଓ କର୍ମୀମାନେ ଭୋଗରାଇ ମା' ବାଶୂଳୀ ପୀଠରୁ ଶୋଭାଯାତ୍ରାରେ ବାହାରି ସୁନାଧର ବସାଣ, ଭୋଗରାଇ, ରସଲପୁର ପଞ୍ଚାୟତର ଗାଁରେ ପଦଯାତ୍ରା ପରକ୍ରମା କରିଥିଲେ।

# ଜୀବିକା ସୁରକ୍ଷା ଦାବିରେ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୩୦।୧୦:** ବାଲେଶ୍ୱର ରେଳ ଷ୍ଟେଶନରେ ଦୀର୍ଘଦିନ ଧରି କାର୍ଯ୍ୟ କରି ପରିବାର ପୋଷଣ କରୁଥିବା ୩ଶହରୁ ଉର୍ଦ୍ଧ୍ୱ ଷ୍ଟଲ୍ ଭେଣ୍ଡର ଓ ରେଳ ହକର ଏବେ ରେଳ କର୍ତ୍ତୃପକ୍ଷଙ୍କ କଟକଣା ଯୋଗୁ ଜୀବିକା ହରାଇଛନ୍ତି। ରେଳ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ସିଆଇଟିୟୁ ତୀବ୍ର ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ଜୀବିକା ସୁରକ୍ଷା ଦାବି କରି ବୁଧବାର ପୂର୍ବାହ୍ନ ୯ଟା ସମୟରେ ନୂଆବଜାର ସ୍ଥିତ କାର୍ଯ୍ୟାଳୟଠାରୁ ଷ୍ଟଲ୍ ଭେଣ୍ଡର ଓ ରେଳ ହକରମାନେ ଶୋଭାଯାତ୍ରାରେ ବିକ୍ଷୋଭ ପ୍ରଦର୍ଶନ କରି ଷ୍ଟେଶନ ପରିକ୍ରମା କରିଥିଲେ। ସେମାନେ ଷ୍ଟେଶନ ମ୍ୟାନେଜରଙ୍କ ଅଫିସ୍ ସମ୍ମୁଖରେ ପ୍ରତିବାଦ ସଭା କରି ଜୀବିକା ଉଚ୍ଛେଦ ନୁହେଁ, ଜୀବିକାର ସୁରକ୍ଷା ଲାଗି ରେଳ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ରେଳ ଶ୍ରମିକ ନେତା ନିକୁଞ୍ଜ ବସନ୍ତରାଏ, ଗୋପାଳ ଦେ, ମୋହନ ବାରିକ, ନକୁଳ ବେହେରା, ନାଲୁ ଦାସ, ରମେଶ ଦାସ, ଗଜାନନ ଦାସ, କୃଷକ ନେତା ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଖଡ଼ଗପୁର ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେଶନ ମ୍ୟାନେଜର ଭାଗବତ ଦାସଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ସିଆଇଟିୟୁ ତରଫରୁ ସୂଚନା ଦିଆଯାଇଛି।




# ଡମ୍ଫର ଧକ୍କାରେ ନାବାଳିକାଙ୍କ ମୃତ୍ୟୁ: ଉତ୍ତେଜନା

**ବସ୍ତା,୩୦।୧୦(ସ୍ୱ.ପ୍ର.)**



ଉତ୍ତେଜିତ ଲୋକଙ୍କୁ ପୋଲିସ୍ ବୁଝାଶୁଝା କରୁଛି।

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ୬୦ନଂ. ଜାତୀୟ ରାଜପଥ ଇନ୍ଦିରା ଛକ ଠାରେ ବୁଧବାର ଡମ୍ଫର ଚାପାରେ ଜଣେ ନବାଳିକାଙ୍କ ମୃତ୍ୟୁ ଘଟିଛି। ଏ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ପ୍ରତିବାଦରେ ରାସ୍ତାରୋକୋ କରିବାରୁ

**ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ବ୍ୟାହତ**

ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ଓ ତହସିଲଦାର ନରେନ୍ଦ୍ର ଖମାରୀ ଦୁର୍ଘଟଣା ସ୍ଥଳରେ ପହଞ୍ଚ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ବସ୍ତା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ବାଗଲଡ଼ିହା ଗ୍ରାମର ବିପ୍ଳବ ଗାଣଙ୍କ ସ୍ତ୍ରୀ ଓ ଝିଅ ପଞ୍ଚା ପାରମିତା (୭) ବସ୍‌ରେ ଆସି ଇନ୍ଦିରା ଛକରେ ପହଞ୍ଚିଥିଲେ। ବସ୍‌ରୁ ଓହ୍ଲାଉଥିବାବେଳେ ପଞ୍ଚା ପାରମିତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଏକ ଡମ୍ଫର ଚଢି ଯାଇଥିଲା। ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ଏଭଳି ଦୁର୍ଘଟଣାର ପ୍ରତିବାଦ ଜଣାଇ ଓ କ୍ଷତିପୂରଣ ଦାବି କରି ଅମର୍ଦ୍ଦା ରୋଡ଼ ରାସ୍ତାକୁ ଅବରୋଧ କରିଥିଲେ। ଇନ୍ଦିରା ଛକର ଚାରିପଟେ ସ୍ଲିପ ରୋଡ଼ ଥିବାବେଳେ ଦୁଇଟି ସ୍ଲିପ ରୋଡ଼ ବନ୍ଦ ରହିଛି। ଏଥି ଲାଗି ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବସ୍‌ଗୁଡ଼ିକ ରାଜପଥ ଉପରେ ଯାତ୍ରୀଙ୍କୁ ଓହ୍ଲାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୩୩୪/୧୯) ରୁଜୁ କରି ଡମ୍ଫରକୁ ଜବତ କରବା ସହ ଡ୍ରାଇଭରଙ୍କୁ ଅଟକ ରଖିଥିବା କହିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଅଟୋ ଓଲଟି ୨ ଗୁରୁତର

ଘସିପୁରା, ୩୦।୧୦(ଡି.ଏନ.ଏ.)- ଆନନ୍ଦପୁର ଥାନା ସୀମାନ୍ତବର୍ତ୍ତୀ ମହୁଲଡିହା ସ୍କୁଲ ନିକଟରେ ବୁଧବାର ସକାଳୁ ଅଟୋ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଗ୍ରାମର ନଲାଲ ହେମ୍ବ୍ରମ(୫୫), ବାଇଧର ପୂର୍ତ୍ତି (୧୮)। ଏମାନେ ଅଟୋ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର

ଯୋଡ଼ା, ୩୦।୧୦(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ବୁଧବାର ସନ୍ଧ୍ୟାରେ ବାମେବାରୀ ଥାନାରେ ଅଭିଯୋଗ ହୋଇଛି। ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ବାମେବାରୀ ଥାନା ଅଞ୍ଚଳର ଏହି ନାବାଳିକାଙ୍କୁ ୨ଦିନ ପୂର୍ବରୁ ବଳାତ୍କାର କରାଯାଇଥିଲା। ଏ ନେଇ ବୁଧବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୪୪/୨୦୧୯) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

### ବ୍ୟାଙ୍କରୁ ଲୁଟ ଉଦ୍ୟମ ଘଟଣା

## ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

ବଡବିଲ, ୩୦।୧୦ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ରବିବାର ରାତିରେ ଗ୍ରିଲ କାଟି ଲୁଟ ଉଦ୍ୟମ ଘଟଣାର ଏବଂ ସଞ୍ଜୟ ଅଗ୍ରୱାଲଙ୍କ ହାର୍ଡୱେର ଗୋଦାମ ଘର ଝରକା ଭାଙ୍ଗି ନଗଦ ୩୫ ଲକ୍ଷ ଟଙ୍କାଚୋରି ଘଟଣାରେ ପୋଲିସକୁ ଏଯାଏ କିଛି ସୁରାକ ମିଳିପାରିନାହିଁ। ସୋମବାର କେନ୍ଦୁଝର ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ ଆସି ବିଭିନ୍ନ ସାମଗ୍ରୀର ନମୁନା ସଂଗ୍ରହ କରିଥିଲାବେଳେ ମଙ୍ଗଳବାର ଏସପି ମିତ୍ରଭାନୁ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଯାଇଛନ୍ତି। ବୁଧବାର କେନ୍ଦୁଝର ଜିଲା ମୁଖ୍ୟାଳୟରୁ ଫିଙ୍ଗର ପ୍ରିଣ୍ଟ ଏକ୍ସପର୍ଟ ଆସି ବିଭିନ୍ନ ସ୍ଥାନରୁ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିଥିଲେ। କଳିଙ୍ଗ ହାର୍ଡୱେର ଆଣ୍ଡ କନଷ୍ଟ୍ରକ୍ସନରୁ ଦିପାବଳୀ ପୂର୍ବ ରାତିରେ କାଚ ଝରକା ଭାଙ୍ଗି ନଗଦ ୩୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଘଟଣାସ୍ଥଳରୁ ମଧ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ ହୋଇଛି।

## ରାସ୍ତା ମରାମତି ଲାଗି ଅଣ୍ଟା ଭିଡିଲେ ଗ୍ରାମବାସୀ

ହାଟଡିହୀ, ୩୦।୧୦(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନାହା ଗ୍ରାମର ଶୋଚନୀୟ ରାସ୍ତାର ଅବସ୍ଥାରେ ସୁଧାର ଆଣିବା ପାଇଁ ସର୍ଭ ଫର ପିପୁଲ ଟିମ୍ ବିଡିଓ ସୁଶାନ୍ତ ବାରିକଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଟିମ୍ର ସଭାପତି ଇଂ ଚନ୍ଦ୍ରମୌଳୀ ମହାନ୍ତିଙ୍କ ନେତୃତ୍ୱରେ ଦିଗମ୍ବର ଦାସ, ତାପସ ରାଉତ, ରାଜୀବ ଜେନା, ବିଜୟ ରାଉତ, ମିହିର ରାଉତ, ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ବିଡିଓଙ୍କ ସାକ୍ଷାତ କରି ଦାବି ପତ୍ର ଦେଇଥିଲେ। ନାହା ଗ୍ରାମରେ ୪ ଗୋଟି ସାହିର ୨୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଗମନାଗମନ ଦୃଷ୍ଟିରୁ ରହିଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ଲୋକମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଡିଓ ବାରିକ ଖୁବ ଶୀଘ୍ର ଏ ଦିଗରେ ଦୃଷ୍ଟି ଦିଆଯାଇ ରାସ୍ତାର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଇଂ ଚନ୍ଦ୍ରମୌଳୀ ସୂଚନା ଦେଇଛନ୍ତି।

## ଅଶ୍ଳୀଳ ନୃତ୍ୟ, ଅଭିନୟକୁ ବିରୋଧ

ଧାମନଗର, ୩୦।୧୦ (ଡି.ଏନ.ଏ.) ଧାମନଗର ବ୍ଲକ ଧୂଷୁରୀ ବଜାରରେ କାଳୀପୂଜା ପାଇଁ ଅପେରା ପ୍ରଦର୍ଶନ ଚାଲିଛି। ଏକ ସପ୍ତାହ ଧରି ବଡ଼ ବଡ଼ ଅପେରା ପ୍ରଦର୍ଶନ ବ୍ୟବସ୍ଥା ହୋଇଛି। ମଙ୍ଗଳବାରଠାରୁ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଓ ଅଭିନୟକୁ ଧୂଷୁରୀ ଆଞ୍ଚଳିକ ସଚେତନ ଯୁବ ପରିଷଦ ପକ୍ଷରୁ ବିରୋଧ କରାଯିବ ବୋଲି ଜଣାଯାଇଛି।

# ସ୍ୱାମୀଙ୍କ ଦଶାହରେ ସ୍ତ୍ରୀଙ୍କ ଆତ୍ମହତ୍ୟା

ଆନନ୍ଦପୁର, ୩୦।୧୦(ସ୍ୱ.ପ୍ର.)


ପୋଲିସ ଗ୍ରାମରେ ପହଞ୍ଚି ତନାଘନା ଚଳାଇଛି।

- ରହସ୍ୟ ଖୋଜୁଛି ପୋଲିସ
- ହତ୍ୟା ଅଭିଯୋଗରେ ଭଣଜା ଗିରଫ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା
- ଅନୈତିକ ସମ୍ପର୍କକୁ ନେଇ ତଦନ୍ତ ଜାରି

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ହରିପୁରା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ରାସ୍ତା ପାର୍ଶ୍ୱରୁ ମିଳିଥିଲା । ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖିଥିଲା। ଅଟକ ଯୁବକ ମୃତକଙ୍କ ଭଣଜା । ତାଙ୍କୁ ବୁଧବାର ପୋଲିସ ଗିରଫ କରିଛି । ଏହି ଖବର ପାଇବା ପରେ ମୃତକଙ୍କ ସ୍ତ୍ରୀ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ସ୍ୱାମୀଙ୍କ ଦଶାହରେ ସ୍ତ୍ରୀ ଆତ୍ମହତ୍ୟା କରିବା ଏହି ଘଟଣାକୁ ଅଧିକ ବିବାଦୀୟ କରି ଦେଇଛି । ମାଈଁଙ୍କ ସହ ଭଣଜାଙ୍କ ଅନୈତିକ ସମ୍ପର୍କ ଥିଲା । ସେଥିପାଇଁ ସଂପୃକ୍ତ ମହିଳା ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୁରାକ ପାଇଛି । ଅନ୍ୟପକ୍ଷେ ସଂପୃକ୍ତ ଯୁବକ ଏହି କାରଣରୁ ତାଙ୍କ ମାମୁଁଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି । ସମ୍ପୂର୍ଣ୍ଣ ଘଟଣା ଉପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୧ ତାରିଖରେ ଜଣେ ଯୁବକଙ୍କ ମୃତଦେହ ରାସ୍ତା କଡରୁ ମିଳିଥିଲା। ମୁଣ୍ଡରେ ଗଭୀର କ୍ଷତ ଥିବାରୁ ପରିବାର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ। ମୃତକଙ୍କ ବାପା ଏ ନେଇ ରାମଚନ୍ଦ୍ରପୁର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ୩୦୨, ୨୦୧ ଦଫାରେ ହତ୍ୟା ମାମଲା (ନଂ.୧୬୭/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଶେଷରେ ମୃତକଙ୍କ ଭଣଜାକୁ ପୋଲିସ ଅଟକ ରଖି ପଚାରାଉଚରା କରିଥିଲା। ପୋଲିସ ଏପରି ତନାଘନା ଚଳାଇଥିବା ବେଳେ ବେକରେ ଦଉଡି ବାନ୍ଧି ମୃତକଙ୍କ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁର ୯ ଦିନ ପରେ ଅର୍ଥାତ୍ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ । ଏହି ଘଟଣା ପୋଲିସର ସନ୍ଦେହକୁ ଅଧିକ ମଜଭୁତ କରିଛି। ବୁଧବାର ଖବରପାଇ ରାମଚନ୍ଦ୍ରପୁର ଥାନା ପୋଲିସ ହରିପୁର ଗ୍ରାମରେ ପହଞ୍ଚି ସଂପୃକ୍ତା ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାମଚନ୍ଦ୍ରପୁର ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ କହିଛନ୍ତି, ସଂପୃକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ତାଙ୍କ ଭଣଜାଙ୍କୁ ଅଟକ ରଖିଯାଇ ପଚରାଉଚରା କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ତାଙ୍କୁ ଗିରଫ କରାଯାଇଛି। ମାଈଁଙ୍କ ସହିତ ଭଣଜାର ଅନୈତିକ ସମ୍ପର୍କ ଥିବା ଅନୁମାନ କରାଯାଉଥିବା ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି। ଭଣଜାକୁ ଥାନାକୁ ଆଣିବା ପରେ ଲୋକଲଜ୍ଜା ଭୟରେ ମାଈଁ ଏଭଳି ପଦକ୍ଷେପ ଗ୍ରହଣ କରିଥାଇପାରନ୍ତି ବୋଲି ପୋଲିସ କହିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ସେ କହିଛନ୍ତି।

# ପଞ୍ଚାୟତରେ ଅନିୟମିତତା: ତଦନ୍ତ ଦାବି

କେନ୍ଦୁଝର, ୩୦।୧୦ (ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଅସନ୍ତୋଷ ଦେଖାଦେଇଛି। ୩ ବର୍ଷ ହେଲା ପଞ୍ଚାୟତ ଅଧିକାରୀ ୱାର୍ଡମେମ୍ବର ମାନଙ୍କୁ କ୍ୟାସବୁକ ଓ ପାସ ବୁକର ହିସାବ ଦେଇନଥିବାରୁ ଆର୍ଥିକ ଅନିୟମିତତା ହୋଇଥିବା ଆଶଙ୍କା କରି ତଦନ୍ତ ଦାବି କରିଛନ୍ତି । ସ୍ଥାନୀୟ ସରପଞ୍ଚ ମଧ ଏନେଇ ପଞ୍ଚାୟତ ଅଧିକାରୀଙ୍କୁ ହିସାବ ଦେବାକୁ ଆଦେଶ କରିଛନ୍ତି। ହିସାବ ନ ଦେଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ତେବେ ଉକ୍ତ ଅଧିକାରୀଙ୍କ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଯାଇଥିଲେ ହେଁ ଅଦ୍ୟାବଧି ହିସାବ ଦେଉନଥିବାରୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ୱାର୍ଡର ୱାର୍ଡ ମେମ୍ବର ପ୍ରସନ୍ନ କୁମାର ଦାସ, ନାଏବ ସରପଞ୍ଚ କବିତା ଦାସ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ବ୍ଲକ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ ଚୁପ ରହୁଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ପଞ୍ଚାୟତ ମାସିକ ବୈଠକରେ ସଦସ୍ୟ ମାନଙ୍କୁ ପଞ୍ଚାୟତର ଅନୁଦାନ ଓ ପିଡିଏସ ତଥା ଆୟବ୍ୟୟ ତଥ୍ୟ ପ୍ରଦାନ କରାଯାଉ ନ ଥିବାରୁ ୨୦୧୭ ମସିହା ଅଗଷ୍ଟ ମାସରେ ବିଡିଓ ଓ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ । ଏହାକୁ ଭିତ୍ତି କରି ସ୍ୱତନ୍ତ୍ର ଅଡିଟ କରିବାକୁ ଦାବି କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ଏବେ ପଞ୍ଚାୟତ ଅଧିକାରୀଙ୍କ ବଦଳି ହୋଇଯିବାରୁ ହିସାବ ମିଳୁନାହିଁ ବୋଲି ଓାର୍ଡ ମେମ୍ବର ପ୍ରସନ୍ନ କୁମାର ଦାସ କହିଛନ୍ତି । ତୁରନ୍ତ ହିସାବ ଦିଆନଗଲେ ବାଧ ହୋଇ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଭାଗବତ ନାଏକଙ୍କୁ ଯୋଗାଯୋଗ କରିଥିଲେ ହେଁ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳିନାହିଁ ।

### କେନ୍ଦୁଝରରେ ତେଲେଙ୍ଗାନା ପର୍ଯ୍ୟଟନର ପ୍ରଚାର

# କଣ୍ଢେଇ ନାଚ ଦ୍ୱାରା ସଚେତନତା

କେନ୍ଦୁଝର, ୩୦।୧୦(ସ୍ୱ.ପ୍ର.)



କାଳୀପଡ଼ିଆଠାରେ କଣ୍ଢେଇ ନୃତ୍ୟ ପରିବେଷଣ କରାଯାଉଛି।

ସ୍ଥାନୀୟ କାଳୀପଡିଆ ଠାରେ ସୋମବାର ସନ୍ଧ୍ୟାରେ କଣ୍ଢେଇନାଚ ଦ୍ୱାରା ପର୍ଯ୍ୟଟନର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ତେଲେଙ୍ଗାନା ରାଜ୍ୟର ଆସୋସିଏଶନ ଫର ଦି ପ୍ରମୋଶନ ଅଫ ଦି ଆର୍ଟ ଅଫ ପପେଟ୍ରୀ ଆସୋସିଏସନ (ଏପିପିଏ) ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଣ୍ଢେଇ ନୃତ୍ୟ ଶିଳ୍ପୀ ମାଗୁଣୀ କୁଅଁରଙ୍କ ଦ୍ୱାରା ଏକ କଣ୍ଢେଇ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ମଧରେ ପର୍ଯ୍ୟଟନ ସ୍ଥଳୀ ଉପରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସଂଗଠନର ସମ୍ପାଦିକ ଜି ମାଧବୀଲତା କହିଛନ୍ତି। ଦୀର୍ଘ ୨୦ ବର୍ଷ ହେଲା କଣ୍ଢେଇ ନାଚ ଜରିଆରେ ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ଲୋକଙ୍କୁ ସଚେତନତା କରିଆସୁଛି । ତେଲେଙ୍ଗାନାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ଚାରମିନାର, ଗୋଲକୋଣ୍ଡା, ଦୁର୍ଗ, ଚୋମହଲା ପ୍ୟାଲେସ, ମେଡକ ଚର୍ଚ୍ଚ, ଭଗିର ଦୁର୍ଗ, କୁନ୍ତଳା ଓାଟରଫଲ, ବିର୍ଲା ମନ୍ଦିର, ଜଗଲମ୍ବା ମନ୍ଦିର, ରାମୋଜୀ ଫିଲ୍ମ ସିଟି ଆଦି ପର୍ଯ୍ୟଟନ କେନ୍ଦ୍ର ଉପରେ ସଚେତନତା କରାଯାଉଛି । ଏହି ସଂଗଠନର ସହଯୋଗୀ ତାଲା ଉଦୟ ତେଜା, କୈନ୍ଦୁର କ୍ରିଷ୍ଣା, ଏମ.ଶ୍ରୁଥୀ ସମେତ ସାମିଲ ହୋଇ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ।

## ସର୍ଭ ଫର ପିପୁଲର ବାର୍ଷିକୋତ୍ସବ

ଆନନ୍ଦପୁର, ୩୦।୧୦(ସ୍ୱ.ପ୍ର.)

ଭଲ କାମ କଲେ ପିଠିରେ ବାଜିବ ନିନ୍ଦା ବାଜଣା। ଏହି ନିନ୍ଦା ଅପବାଦକୁ ସହି ଯିଏ ମାନବ ସେବାରେ ବ୍ରତୀ ହୋଇପାରିବ ସେ ହିଁ ପ୍ରକୃତରେ ଭଲ ମଣିଷ ହୋଇପାରିବ ବୋଲି ଆନନ୍ଦପୁର ଉପଖଣ୍ଡ ନାହା ଠାରେ ଅନୁଷ୍ଠିତ ହୋଇଯାଇଥିବା ସର୍ଭ ଫର୍ ପିପୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ମତ ପ୍ରକାଶ କରିଥିଲେ। ସାମାଜିକ ସଂଗଠନ ସର୍ଭ ଫର ପିପୁଲର ସଭାପତି ଇଂ ଚନ୍ଦ୍ରମୌଳୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାମାଜିକ ମହାସଂଘର ସଭାପତି ନରୋତ୍ତମ ଦାଶ ଯୋଗଦେଇ ସେବା ଦ୍ୱାରା ସବୁ ସମ୍ଭବ ବୋଲି ମତ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଘସିପୁରା ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ସାମାଜିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ସଂଗଠନର ଉପସଭାପତି ତାପସ କୁମାର ରାଉତ ଓ ସମ୍ପାଦକ ପ୍ରିତିରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଜଗନ୍ନାଥ ପାତ୍ର,ଭାସ୍କର ଚନ୍ଦ୍ର ପାଢୀ, ନାରାୟଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜନସମ୍ପର୍କ ପଦଯାତ୍ରା

କେନ୍ଦୁଝର, ୩୦।୧୦ (ସ୍ୱ.ପ୍ର.)

ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଂଶପାଳ ବ୍ଲକ ଶୁଆକାଟୀଠାରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଏବଂ ଜନ ସମ୍ପର୍କ ପଦଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ଯୁବ ବିଜୁ ଜନତା ଦଳର ସମ୍ପାଦକ ଅଞ୍ଜନ କୁମାର ବେଜଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ସହିତ ଶତାଧିକ ବାଇକ୍ ରାଲି ଓ ରୋଡ ସୋ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଓ ବାଇକ୍ ରାଲି ଶୁଆକାଟୀ ପାଟେଶ୍ୱର ମନ୍ଦିର ନିକଟରୁ ଆରମ୍ଭ ହୋଇ ଭୂୟାଁସାହି, ଗୋପାଳସାହି, ଓଏମ୍‌ସି ସଡକ ଦେଇ ଦଅଁଳା ଗ୍ରାମରେ ପହଞ୍ଚିଥିଲା। ସେଠାରେ ସମସ୍ତ ଗ୍ରାମବାସୀ ଦଳୀୟ ନେତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଦିବାସୀ ବାଦ୍ୟର ତାଳେ ତାଳେ ନୃତ୍ୟଗୀତ କରି ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ସ୍ଥାନୀୟ ସରପଞ୍ଚ ତାରାମଣି ନାଏକ, ନାଏବ ସରପଞ୍ଚ ପଞ୍ଚାନନ ବାରିକ, ବାବାଜୀ ଚରଣ ବାରିକ, ଜିଲା ଯୁବ ବିଜେଡି ସହ ସମ୍ପାଦକ ସୁଶାନ୍ତ ବାରିକ, ବାଂଶପାଳ ବ୍ଲକ ବିଜେଡି ସଭାପତି ଉମାକାନ୍ତ ବିନ୍ଧାଣୀ, ବିଘ୍ନେସନ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ବହୁ ମହିଳାଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ବନ୍ଦନା ପରବ ଭେଟ୍‌ଘାଟ


ବନ୍ଦନା ଭେଟଘାଟରେ ବଳଦ ନୃତ୍ୟ।

ଚମ୍ପୁଆ, ୩୦।୧୦(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ମହେଶ୍ୱରପୁର ଠାରେ କୁଡୁମି ସମ୍ପ୍ରଦାୟର ୩ ଦିନ ଧରି ଚାଲିଥିବା ସାମ୍ପ୍ରଦାୟିକ ସଦଭାବନା ଓ କୃଷିଭିତ୍ତିକ ପରବ ବନ୍ଦନା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଗୋଠାଣି ପୂଜା ଓ ମଣ୍ଡାମଡା, ଦିତୀୟ ଦିନରେ ଗୋର୍ବଦ୍ଧନ ପୂଜା ଓ ତୃତୀୟ ଦିନରେ ବଳଦ ଖେଳା ଆଦି କାର୍ଯ୍ୟକ୍ରମ ପାରମ୍ପାରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ପରେ ବନ୍ଦନା ପରବ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାସ୍କର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରକାଶ ଚନ୍ଦ୍ର କୁଣ୍ଟ, ମୁଖ୍ୟବକ୍ତାଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିପିନ ବିହାରୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଖବରଦାତା ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କୁଡୁମୀ ମାନଙ୍କର ଏହି ମହାନ ସଂସ୍କୃତି କୃଷି ଭିତ୍ତିକ ପରମ୍ପରାର ଏକ ନିଦର୍ଶନ ତଥା ସାଂସ୍କୃତିକ ଜୀବନ ଶୈଳୀର ଏକ ଅଧାୟ ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବା ସହ ସଂସ୍କୃତି ଆଧାର ଭିତ୍ତିରେ ଖଜୁରିଡିଲାର ଗୌରୀ ଝୁମର କ୍ଲବ ଦ୍ୱାରା ଝୁମର ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

# ପାଠପଢ଼ା ବୟସରେ ପରିବାର ବୋଝ

ହାଟଡ଼ିହୀ, ୩୦।୧୦ (ଡି.ଏନ.ଏ.)

ଭାଗ୍ୟର ବିଡମ୍ବନା ବଡ଼ ବିଚିତ୍ର। ପାଠପଢା ବୟସରେ ପେଟର ଭୋକ ଏବଂ ଲଜ୍ଜା ଢାଙ୍କିବା ନିମନ୍ତେ କନା ଖଣ୍ଡେ ପାଇଁ ସଂଘର୍ଷ କରୁଛନ୍ତି ଭଉଣୀ ଏବଂ ଭାଇ। ବାପା ଥାଇ ମଧ ପାଖରେ ନାହାନ୍ତି। ମା'ଛୁଆମାନଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ବଡ଼ ଭଉଣୀ ସୀତା ସାନ ଭଉଣୀ, ଭାଇ ମାନଙ୍କ ମୁହଁରେ ମୁଠାଏ ଦାନା ଦେବାପାଇଁ ପାଠ ପଢ଼ା ବନ୍ଦ କରି ପରଘରେ କାମ କରୁଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ବୀଣାପାଟଣା ଗ୍ରାମରେ ଏପରି ଏକ ଘଟଣ ନଜରକୁ ଆସିଛି।

ଗ୍ରାମର ରବି ମୁର୍ମୁ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାୟ ୮ ବର୍ଷ ହେବ ଏବେ ଜେଲ୍‌ରେ ଅଛନ୍ତି। ତାଙ୍କ ସ୍ତ୍ରୀ ଘର ଏବଂ ପିଲାମାନଙ୍କୁ ଛାଡି କୁଆଡେ ପଳାଇଛନ୍ତି। ରବିଙ୍କର ୪ଟି ସନ୍ତାନ। ସେମାନଙ୍କ ମଧ୍ୟରୁ ୨ଜଣ ନାବଳକ ଓ ୨ଜଣ ନାବାଳିକା ଅଟନ୍ତି। ଏହି ୪ଭଉଣୀ ଓ ଭାଇ ଏବେ ଅସହାୟ। ଏମାନଙ୍କ ମଧ୍ୟରୁ ୧୩ ବର୍ଷର ଝିଅ ସୀତା ପାଠପଢା ଛାଡି ଏଣେତେଣେ କାମକରି ପରିବାର ଚଳାଉଛନ୍ତି। ଆଦିବାସୀଙ୍କ ପାଇଁ ସରକାର ନାନା ଯୋଜନାମାନ କରୁଛନ୍ତି। କିନ୍ତୁ ଏମାନଙ୍କ କ୍ଷେତ୍ରରେ ଏହି ଯୋଜନା ଏବେ ଫିକା ପଡ଼ିଛି। ଏମାନଙ୍କ ପ୍ରତି ପ୍ରଶାସନ କିମ୍ବା ଲୋକ ପ୍ରତିନିଧିର ଦୃଷ୍ଟି ନ ପଡିବା ଅତି ପରିତାପର ବିଷୟ ସାଜିଛି । ଭଙ୍ଗା ଦଦରା ଘରେଏହି ୪ଟି ପିଲା ଅତ୍ୟନ୍ତ ଦୟନୀୟ ଭାବେ ଦିନ କାଟୁଛନ୍ତି। ଜିଲାପାଳ ଏଥିପ୍ରତି ଦଷ୍ଟି ଦେବାକୁ ଆନନ୍ଦପୁର ସିଭିଲ ସୋସାଇଟ୍ ସମ୍ପାଦକ ଭଗବାନ ମଲ୍ଲିକ ଦାବି କରିଛନ୍ତି। ତେବେ ସର୍ଭ ଫର୍ ପିପୁଲ ନାମରେ ଏକ ସମାଜସେବୀ ସଂଗଠନ ଏହି ୪ଜଣ ଭଉଣୀ ଭାଇଙ୍କୁ ଭେଟି ସହାୟତା ଯୋଗାଇଛନ୍ତି।

## ନିଶାମୁକ୍ତ ଅଞ୍ଚଳ ଲାଗି ଗ୍ରାମବାସୀଙ୍କ ଶପଥପାଠ

କେନ୍ଦୁଝର, ୩୦।୧୦(ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବିସ୍ତାପାଳ ଗ୍ରାମରେ ମଦକାରବାର ଏବଂ ମଦ ବ୍ୟବସାୟ କରୁଥିବା ଲୋକମାନଙ୍କୁ ସଚେତନ କରିବାକୁ ଏକ ବୈଠକ ଜରିଆରେ ଶପଥପାଠ ହୋଇଛି। ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ଆଗରୁ ମଦବିରୋଧୀ କାର୍ଯ୍ୟକ୍ରମ କରାଯାଇଥିଲେ ମଧ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ପାଖ ଗ୍ରାମ ଗୁଡ଼ିକରେ ବେପାରୀମାନେ ପୋଲିସ ପ୍ରଶାସନ ସହିତ ମେଳାପି କରି ହାତଗୁଞ୍ଜା ଦେଇ ବ୍ୟବସାୟ ଚଳାଉଛନ୍ତି। ଏହି ଭଳି ସ୍ଥିତିରେ ଦିନକୁ ଦିନ ଘର ମାନଙ୍କରେ ମହୁଲି ରସି ହାଣ୍ଡିଆ ବିଦେଶୀ ମଦ ପିଇ କଳି କଜିଆ ଲାଗିବା ସହିତ ଘର ପରିବାର ଉଜୁଡ଼ି ଯାଉଛି। ଏହାକୁ ଆଖି ଆଗରେ ରଖି ଜନସାଧାରଣ ସଜାଗ ହୋଇ ଉଠିଛନ୍ତି। ଆଗାମୀ ଦିନରେ ମଦମୁକ୍ତ ଅଞ୍ଚଳ ଗଢି ତୋଳିବାକୁ ଗ୍ରାମ ବୈଠକରେ ମହିଳା ପୁରୁଷ ସମସ୍ତେ ମିଳିତ ଉଦ୍ୟମରେ ଶପଥ ଗ୍ରହଣ କରିଛନ୍ତି। ଯଦି କେହି ଏହି ସବୁ ଜିନିଷକୁ ପୁର୍ନବାର ବିକ୍ରି କରନ୍ତି ତାଙ୍କ ବିରୋଧରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କ ପ୍ରୟାସ ରହିଛି। ଗ୍ରାମର ବରିଷ୍ଠ ସଦସ୍ୟ ରଘୁନାଥ ନାୟକ, ଶୁକଦେବ ନାୟକ, ପ୍ରେମାନନ୍ଦ ସିଂ, ମହେଶର ନାୟକଙ୍କ ସମେତ ଶତାଧିକ ସଦସ୍ୟ ଗଣ ବୈଠକରେ ଉପସ୍ଥିତଥିଲେ।


ନିଶାମୁକ୍ତ ଅଞ୍ଚଳ ଗ୍ରାମବାସୀ ଶପଥ ନେଉଛନ୍ତି।

# ନିପୁଣ ଟେରାକୋଟା ଶିଳ୍ପୀ ନିଶିକାନ୍ତ

କେନ୍ଦୁଝର/ ରାଇସୁଆଁ, ୩୦।୧୦ ( ସ୍ୱ.ପ୍ର./ଡି.ଏନ.ଏ.)


ନିଶିକାନ୍ତଙ୍କ ଟେରାକୋଟା କଳାକୃତି।

- ଅର୍ଥ ଆଗେ ହାର ମାନିନି ପରିଶ୍ରମ
- ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି ହେଉଛି

ଇଚ୍ଛା ଥିଲେ ସବୁ କିଛି କରିହେବ। ଏହାକୁ ପ୍ରମାଣିତ କରିଛନ୍ତି ନିଶିକାନ୍ତ ବେହେରା। ଘର ସଦର ବ୍ଲକ ଟିକରପଡା ଗ୍ରାମରେ। କମ ବୟସରେ ମଫସଲରେ ରହି ନିଜର ଦକ୍ଷତା ପ୍ରତିପାଦିତ କରି ପାରିଛନ୍ତି। ଯଦିଓ ସମ୍ମାନ ଓ ମାନ୍ୟତା ମିଳୁନାହିଁ କିନ୍ତୁ ହାର ମାନି ନାହାନ୍ତି ସେ। କଳା ସ୍ଥାପତ୍ୟରେ ବିନା ଶିକ୍ଷାରେ ନୈପୁଣ୍ୟତା ହାସଲ କରିପାରିଛନ୍ତି। ନିଜ ଗ୍ରାମକୁ ବାଛି ନେଇଛନ୍ତି କର୍ମ ସ୍ଥଳୀ। ଦିପାବଳୀରେ ମା'କାଳୀଙ୍କ ବାଲୁକା ଚିତ୍ର କରି ଚର୍ଚ୍ଚାକୁ ଆସିଛନ୍ତି। ଅଭାବ ଥିଲେ ମଧ ତାଙ୍କର ଅଦମ୍ୟ ପରିଶ୍ରମ ଆଗରେ ତାହା ହାର ମାନିଛି।

ଗରିବ ପରିବାର। ମାଟି ସାମଗ୍ରୀ ପ୍ରସ୍ତୁତ କୌଳିକ ବୃତ୍ତି। ବାପା ଗୌରଚନ୍ଦ୍ର ବେହେରା ଜଣେ ଟେରାକୋଟା ଶିଳ୍ପୀ ଭାବରେ ପରିଚିତ। ଏଣୁ ବାପାଙ୍କ କଳା ବିଦ୍ୟାକୁ ପିଲା ଦିନରୁ ଅନୁକରଣ କରି ଆଜି ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ତୃତୀୟ ଶ୍ରେଣୀରୁ ସେ ଏହି କାମ କରି ଆସୁଛନ୍ତି। ନିଶିକାନ୍ତ ତୃତୀୟ ଶ୍ରେଣୀରେ ପାଠପଢୁଥିଲା ବେଳଠୁ ବାପାଙ୍କ କାମରେ ମନ ନିବେଶ କରି ଆସୁଛନ୍ତି। ଏପରିକି ବାପାଙ୍କ ସହିତ ବିଭିନ ମେଳା, ପ୍ରଦର୍ଶନୀ, ଆଦିକୁ ଯାଇ ଛୋଟ ବୟସରେ ବେଶ ଅଭିଜ୍ଞତା ହାସଲ କରି ଏବେ ନିଜେ ସବୁ କିଛି କରିବାରେ ସକ୍ଷମ ହୋଇ ପାରିଛନ୍ତି। ୧୮ବର୍ଷ ବୟସରେ ବାପାଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱର ନିକଟସ୍ଥ ଗଣ୍ଡମୁଣ୍ଡା ଶିଢ଼ାକରେ ଏକ ବର୍ଷ ତାଲିମ ନେଇ ନିଜର ଭବିଷ୍ୟତ ବାଛି ନେଇଥିଲେ। ସେଠାରେ ଏକ ବର୍ଷ ତାଲିମ ନେବା ପରେ ଘରକୁ ସେ ଫେରି ଆସିଥିଲେ। କଳା ରେ ଅଧିକ ଶିକ୍ଷା ଲାଭ କରିବାକୁ ଅର୍ଥ ଅଭାବରୁ ଆଗ୍ରହ ଥିଲେ ହେଁ ତାହା କରିପାରିନଥିଲେ। କିନ୍ତୁ ସେ ହାର ମାନି ନ ଥିଲେ। ଗ୍ରାମରେ ରହି ମାଟିରେ ବିଭିନ ପ୍ରକାର ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବାକୁ ଲାଗିଲେ। ଏହା ସହିତ ବିଭିନ୍ନ ପ୍ରକାର ୱାଲ ପେଣ୍ଟିଙ୍ଗ କାମ କରିବା ସହ ବାଲୁକା କଳା ଆଦି ନିଜ ଉଦ୍ୟମରେ କରିବା ଆରମ୍ଭ କଲେ। ଆର୍ଥିକ ଅନାଟନ ସତ୍ତ୍ୱେ ଏହି ସବୁ କଳାକୁ ଛାଡି ପାରୁନାହାନ୍ତି। ବାପାଙ୍କ ସ୍ୱପ୍ନକୁ ସାକାର କରି ନିଜକୁ ଏହି କଳାରେ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ ଜାରି ରଖିଥିବା କୁହନ୍ତି। ଏଭଳି ଲୁକ୍କାୟିତ କଳା ପ୍ରତିଭାକୁ ଉଜ୍ଜୀବିତ କରି ରଖିବା ସହ ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି ହେଉଛି।